# ଦିନାଙ୍କିତ ସରକାରୀ ପ୍ରତିଭୂତି ପାଇଁ ଅଣ ପ୍ରତିଯୋଗୀ ନିଲାମ ସୁବିଧା

## Non-competitive Bidding Facility for Dated Government Securities

ଭାରତ ସରକାର ବଜାରରୁ ଟଙ୍କା ଋଣ ଉଠାଇବା ପାଇଁ ପ୍ରତିଭୂତି ଜାରି କରିଥାନ୍ତି। ନିଲାମ ମାଧ୍ୟମରେ ନିବେଶକାରୀମାନଙ୍କୁ ପ୍ରତିଭୂତି ଦେବା ଏକ ମାଧ୍ୟମ। ସରକାର ଏକ ତାରିଖ ନିର୍ଦ୍ଧାରିତ କରି ନିଲାମ ମାଧ୍ୟମରେ ନିର୍ଦ୍ଧିଷ୍ଟ ପରିମାଣର ଅର୍ଥ ଋଣ କରିବା ପାଇଁ ବିଜ୍ଞପ୍ତି ଜାରି କରନ୍ତି । ନିବେଶକାରୀମାନେ ନୂତନ ପ୍ରତିଭୁତି ପାଇଁ ସୁଧହାର (କୁପନ) ଘୋଷଣା କରନ୍ତି କିମ୍ବା ପ୍ରଚଳିତ ପ୍ରତିଭୂତି ପୁନଃ ଜାରିକରାଗଲେ ତାର ମୂଲ୍ୟ ନିର୍ଦ୍ଧାରଣ କରନ୍ତି। ନିଲାମୀ ପ୍ରକ୍ରିୟାର ବିଧିବଦ୍ଧତା ଦୃଷ୍ଟିରୁ କେବଳ ବୃହତ ଏବଂ ଅଜ୍ଞ ନିବେଶକ ଯଥା ବ୍ୟାଙ୍କ, ପ୍ରାଇମେରୀ ଡିଲର, ଅର୍ଥକାରୀ ସଂସ୍ଥା, ମ୍ୟୁଚୁଆଲ୍ ଫଣ୍ଡ, ବୀମା କଂପାନୀ ଆଦି ସାଧାରଣତଃ ଅଂଶ ଗ୍ରହଣ କରିଥାନ୍ତି। ସରକାରୀ ପ୍ରତିଭୂତି ରେ ନିବେଶ ପାଇଁ ପ୍ରାଥମିକ ବଜାରରୁ ବହୁ ବର୍ଗର ମଧ୍ୟମ ଓ କ୍ଷୁଦ୍ର ନିବେଶକାରୀଙ୍କୁ ଛାଡି ଦିଆଯାଇଥାଏ। ସରକାରୀ ପ୍ରତିଭୂତି ବିପଦମୁକ୍ତ ଓ ସୁରକ୍ଷିତ ହେବାସହ ବଜାରରେ ପ୍ରଚଳିତ ଦରରେ ସୁଧ ପ୍ରଦାନ କରିଥାଏ।

୨୦୦୧ ମସିହା ଡିସେମ୍ବର ୭ ତାରିଖରେ ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ଷୁଦ୍ର ନିବେଶକଙ୍କ ପାଇଁ ଦିନାଙ୍କିତ ସରକାରୀ ପ୍ରତିଭୂତିରେ ଅଣପ୍ରତିଯୋଗୀ ନିଲାମ ସୁବିଧାର ଘୋଷଣା କରିଛନ୍ତି

### କେଉଁମାନେ ସୁବିଧା ପାଇପାରିବେ ?

### ୧- କେଉଁମାନେ ଏହି ଯୋଜନାରେ ଅଂଶଗ୍ରହଣ କରିପାରିବେ ?

ଅଣ-ପ୍ରତିଯୋଗୀ ନିଲାମ ଯୋଜନାରେ ବ୍ୟକ୍ତିବିଶେଷ, ହିନ୍ଦୁ ଅବିଭକ୍ତ ପରିବାର, ଫାର୍ମ, କଂପାନୀ, କର୍ପୋରେଟ୍ ସଂସ୍ଥା, ଅନୁଷ୍ଠାନ, ପ୍ରୋଭିଡେଣ୍ଡ ଫଣ୍ଡ, ଟ୍ରଷ୍ଟ ଏବଂ ରିଜର୍ଭ ବ୍ୟାଙ୍କର ସର୍ତ୍ତ ପାଳନକାରୀ ଅନ୍ୟ ଯେ କୌଣସି ସଂସ୍ଥା ଅଂଶଗ୍ରହଣ କରିପାରିବେ।

କ୍ଷୁଦ୍ର ନିବେଶକଙ୍କ ନିକଟରେ ବଜାର ଅଭିଜ୍ଞତାର ଅଭାବକୁ ଦୃଷ୍ଟିରେ ରଖି ଏହି ଯୋଜନା କେବଳ ସେହି ମାନଙ୍କ ପାଇଁ ଖୋଲାଯାଇଛି ଯେଉଁମାନଙ୍କର

- ଚାଲୁ ଖାତା ନାହିଁ ଅବା ସବସିଡାରୀ ଜେନେରାଲ୍ ଲେଜର (ଏସଜିଏ) ଆକାଉଣ୍ଟ ଭାରତୀୟ ରିଜର୍ଭ ବ୍ୟାଙ୍କରେ ନାହିଁ
- ଯେଉଁମାନେ ପ୍ରତି ନିଲାମରେ କୋଟିଏ ଟଙ୍କାରୁ କମ୍ ପ୍ରତିଭୂତି ଆବଶ୍ୟକ କରୁଥିବେ
- ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ (ଆରଆରବି), ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ (ୟୁସିବି) ଓ ଅଣ-ବ୍ୟାଙ୍କିଂ ଆର୍ଥିକ କଂପାନୀ (ଏନବିଏଫସି) ମାନେ ଏହି ଯୋଜନାରେ ସେମାନଙ୍କର ବୈଧାନିକ ଦାୟିତ୍ୱ ପାଳନ କରିବା ପାଇଁ ଭାଗ ନେଇ ପାରିବେ ଏବଂ ଅତିବେଶୀରେ ପ୍ରତି ନିଲାମ ରେ ଏମାନେ ଏକ କୋଟି ଟଙ୍କା ନିବେଶ କରିପାରିବେ ।

### ୨ ଦିନାଙ୍କିତ ସରକାରୀ ପ୍ରତିଭୂତିରେ ଅଣ ପ୍ରତିଯୋଗୀ ନିଲାମ କ'ଣ ?

ଅଣ-ପ୍ରତିଯୋଗୀ ନିଲାମର ଅର୍ଥ ହେଉଛି ପ୍ରତିଭାଗୀ ସରକାରୀ ପ୍ରତିଭୂତିର ଉତ୍ପାଦନ ପରିମାଣ କିମ୍ବା ମୂଲ୍ୟ ପ୍ରକାଶ ନକରି ଭାଗ ନେଇପାରିବେ। ତେଣୁ ସେ ବ୍ୟସ୍ତ ହେବା ଉଚିତ ନୁହେଁ ଯେ, ତାର ନିଲାମଡ଼ାକ ଠିକ୍ ଅଛି କି ନାହିଁ। ଯେପର୍ଯ୍ୟନ୍ତ ତାର ଉକ୍ତ ଯୋଜନାରେ ନିଲାମଡ଼ାକ ନିୟମ ଅନୁସାରେ ଅଛି, ତାକୁ ପ୍ରତିଭୂତିରେ ସମ୍ପୁର୍ଣ୍ଣ କିମ୍ବା ଆଂଶିକ ଆବଣ୍ଟନ ମିଳିବ।

### ୩. ଅଣ ପ୍ରତିଯୋଗିତା ନିଲାମଡ଼ାକର କଣ ସୁବିଧା ଅଛି ?

୧. ଅଣ ପ୍ରତିଯୋଗିତା ନିଲାମଡ଼ାକରେ ସରକାରୀ ପ୍ରତିଭୂତି ନିଲାମରେ ବ୍ୟାପକ ଅଂଶଗ୍ରହଣ ଏବଂ ସରକାରୀ ପ୍ରତିଭୂତି ଖୁଚୁରା ଭାବରେ ରଖିବାକୁ ପ୍ରୋତ୍ସାହନ ଦିଏ।

୨. ବ୍ୟକ୍ତିବିଶେଷ, ଫାର୍ମ ଓ ଅନ୍ୟ ମଧ୍ୟବର୍ଗ ନିବେଶକ, ଯେଉଁମାନଙ୍କର ନିଲାମ ଡ଼ାକିବାର ଅଭିଜ୍ଞତା ବା ଦକ୍ଷତା ନାହିଁ, ସେମାନଙ୍କ ପାଇଁ ନିବେଶ ସୁଯୋଗ ସୃଷ୍ଟି କରିବା

୩. ଏହିସବୁ ନିବେଶକାରୀଙ୍କୁ ନିଲାମରୁ ନିର୍ଣ୍ଣୟ ହେଉଥିବା ହାରରେ ଏକ ନିଶ୍ଚିନ୍ତ ଆବଣ୍ଟନର ପ୍ରତିଶ୍ରୁତି ଦେବା ।

**ଯୋଜନାର ପରିସର**

**୪. ଅଣ ପ୍ରତିଯୋଗିତା ନିଲାମଡ଼ାକରେ କେତେ ପରିମାଣର ଅର୍ଥ ନିବେଶର ପ୍ରସ୍ତାବ ଦିଆଯାଏ ?**

ଦିନାଙ୍କିତ ପ୍ରତିଭୂତିରେ ନିର୍ଦ୍ଧିଷ୍ଟ ନିଲାମୀରେ ନିର୍ଦ୍ଧାରିତ ପରିମାଣର ୫ ପ୍ରତିଶତ ପର୍ଯ୍ୟନ୍ତ ରାଶିପାଇଁ ଅଣ ପ୍ରତିଯୋଗୀ ନିଲାମ ଡ଼କାଳିକୁ ଅନୁମତି ଦିଆଯାଏ।

**୫. ଅଣ ପ୍ରତିଯୋଗୀମାନଙ୍କ ପାଇଁ ସଂରକ୍ଷିତ ରାଶି ନିଲାମ ପାଇଁ ବିଜ୍ଞାପିତ ରାଶିର ଅନ୍ତର୍ଭୁକ୍ତ କି ?**

ହଁ- ସଂରକ୍ଷିତ ରାଶି ବିଜ୍ଞାପିତ ରାଶିର ଅନ୍ତର୍ଭୁକ୍ତ ଅଟେ।

**୬. ସମସ୍ତ ଦିନାଙ୍କିତ ପ୍ରତିଭୂତି ନିଲାମୀରେ ଅଣ ପ୍ରତିଯୋଗୀ ନିଲାମ ଡ଼ାକକୁ ଅନୁମତି ଦିଆଯାଇଛି କି ?**

ଭାରତ ସରକାରଙ୍କ କେତେକ ନିର୍ଦ୍ଧିଷ୍ଟ ଦିନାଙ୍କିତ ପ୍ରତିଭୂତିର ନିଲାମୀରେ ଅଣ ପ୍ରତିଯୋଗୀ ନିଲାମ ଡ଼କାଳିଙ୍କ ପାଇଁ ଅନୁମତି ଦିଆଯିବ, ଏବଂ ଏହା ନିଲାମ ପୂର୍ବରୁ ଘୋଷିତ ହେବ।

**୬. ଟ୍ରେଜେରୀ ବିଲ୍ ନିଲାମ ପାଇଁ ଏହି ଯୋଜନା ଲାଗୁ ହେବ କି ?**

ନା, ଏହି ଯୋଜନା ଟ୍ରେଜେରୀ ବିଲ୍ ପାଇଁ ଲାଗୁ ହୁଏ ନାହିଁ।

**ନିଲାମରେ କିଭଳି ଅଂଶଗ୍ରହଣ କରିହେବ ?**

**୮. ଯୋଗ୍ୟତା ସମ୍ପନ୍ନ ନିବେଶକ କିଭଳି ନିଲାମୀରେ ଭାଗ ନେବେ ?**

ଯୋଗ୍ୟତା ସମ୍ପନ୍ନ ନିବେଶକ ସିଧାସଳଖ ଭାଗ ନେଇପାରିବେ ନାହିଁ। ସେମାନେ ବ୍ୟାଙ୍କ ଅବା ପ୍ରାଥମିକ ବ୍ୟବସାୟୀ ମାଧ୍ୟମରେ ନିବେଶ ପାଇଁ ଆସିବା ଆବଶ୍ୟକ।

**୯. ସର୍ବନିମ୍ନ ନିଲାମ ଡ଼ାକିବାର ପରିମାଣ କେତେ ?**

ସର୍ବନିମ୍ନ ନିଲାମୀ ପରିମାଣ ୧୦,୦୦୦ ଟଙ୍କା (ଅଙ୍କିତ ମୂଲ୍ୟ) ବା ଏହାର ଗୁଣିତକରେ ନିଲାମ ଡ଼ାକି ହେବ ।

**୧୦. ଏହି ଯୋଜନାରେ ଜଣେ ନିବେଶକ କେତେ ଥର ନିଲାମ ଡାକି ପାରିବ ?**

ଜଣେ ନିବେଶକ କୌଣସି ବ୍ୟାଙ୍କ କିମ୍ବା ପ୍ରାଥମିକ ବ୍ୟବସାୟୀ ମାଧ୍ୟମରେ ପ୍ରତିଟି ନିର୍ଦ୍ଧାରିତ ନିଲାମ ପାଇଁ କେବଳ ଗୋଟିଏ ଥର ନିଲାମ ଡାକି ପାରିବେ।

**୧୧. ଏହା କିଭଳି ସୁନିଶ୍ଚିତ କରାଯାଇପାରିବ ?**

ବ୍ୟାଙ୍କ ଅବା ପ୍ରାଥମିକ ବ୍ୟବସାୟୀ ମାଧ୍ୟମରେ ନିବେଶ କରୁଥିବା ନିବେଶକର୍ତ୍ତା ଏକ ଅଙ୍ଗୀକାର ପତ୍ର ଦେବେ ଯେଉଁଥିରେ ସେ ଏକମାତ୍ର ନିଲାମ ଡ଼ାକିବାକୁ ଉଲ୍ଲେଖ କରିଥିବେ।

**ନିଲାମୀ ପ୍ରକ୍ରିୟା**

**୧୨- ଅଣ ପ୍ରତିଯୋଗୀ ନିବେଶକ ତରଫରୁ ବ୍ୟାଙ୍କ ଅବା ପ୍ରାଥମିକ ବ୍ୟବସାୟୀ କିପରି ନିଲାମ ଡାକନ୍ତି ?**

ପ୍ରତ୍ୟକେ ବ୍ୟାଙ୍କ ଅବା ପ୍ରାଥମିକ ବ୍ୟବସାୟୀ ପ୍ରତ୍ୟକେ ଅଣ ପ୍ରତିଯୋଗୀ ନିବେଶକଙ୍କ ଦୃଢୀକୃତ ଆବଶ୍ୟକତା ଅନୁସାରେ ନିଲାମ ଦିନ ସେମାନଙ୍କର ସର୍ବମୋଟ୍ ନିବେଶ ପରିମାଣ ପାଇଁ ଗୋଟିଏ ମାତ୍ର ଆବେଦନ ପତ୍ର ଦାଖଲ କରିଥାନ୍ତି। ବ୍ୟାଙ୍କ ଅବା ପ୍ରାଥମିକ ବ୍ୟବସାୟୀ ପ୍ରତି ଗ୍ରାହକଙ୍କର ସବିଶେଷ ବିବରଣୀ ଯଥା ନିବେଶକଙ୍କ ନାମ, ଆବଶ୍ୟକ ପରିମାଣ ଆଦି ଆବେଦନ ପତ୍ର ରେ ଉଲ୍ଲେଖ କରିଥାନ୍ତି ।

**୧୩. ଏଥିପାଇଁ ଆବେଦନ ପତ୍ର ଥାଏ କି ?**

ଅଣ ପ୍ରତିଯୋଗୀ ନିବେଶପାଇଁ ନିର୍ଦ୍ଦିଷ୍ଟ ନିଲାମ ସମୟରେ ଆବେଦନ ପତ୍ର ବିଷୟରେ ଘୋଷଣା କରାଯାଏ ।

**୧୪- ନିଲାମୀ ପ୍ରକ୍ରିୟା କାର୍ଯ୍ୟ କିଭଳି ହୁଏ ?**

ସରକାରୀ ପ୍ରତିଭୂତିର ନିଲାମ ପାଇଁ ଭାରତ ସରକାର ଅଧିସୂଚନା ଜାରି କରନ୍ତି। ଏହି ନିଲାମ ନୂଆ ଋଣ ଅବା ପ୍ରଚଳିତ ଋଣକୁ ପୁନର୍ବାର ଜାରି କରିବା ପାଇଁ ହେବ, ତାହା ଉଲ୍ଲେଖ ଥାଏ। ଏହା ସହିତ ନିଲାମ ଡ଼ାକାଳି ମୂଲ୍ୟ ଭିତ୍ତିରେ ବା କୁପନ ଭିତ୍ତିରେ (ସୁଧ ହାର)ନିବେଶ କରିବେ, ତାହା ମଧ୍ୟ ଉଲ୍ଲେଖ ଥାଏ । ପ୍ରତିଯୋଗୀ ନିବେଶକ ସେହି ଅନୁସାରେ ମୂଲ୍ୟ କିମ୍ବା କୁପନ ଉଲ୍ଲେଖ କରନ୍ତି। ଗ୍ରହଣ ଯୋଗ୍ୟ ମୂଲ୍ୟ କିମ୍ବା କୁପନ ହାର ରିଜର୍ଭ ବ୍ୟାଙ୍କ ଦ୍ୱାରା ଘୋଷଣା କରାଯାଇଥାଏ । ସମସ୍ତ ସଫଳ ନିବେଶକଙ୍କୁ ପୂର୍ଣ୍ଣ ଅବା ଆଂଶିକ ଭାବେ ପ୍ରତିଭୂତି ଆବଣ୍ଟନ କରାଯାଏ ।

<u>ଉଦାହରଣ</u>

ନିକଟରେ, ଭାରତ ସରକାରଙ୍କ ୧୧ ବର୍ଷିୟ ସରକାରୀ ପୁଞ୍ଜି ନିଲାମ କରିଥିଲେ ଯେଉଁଥିରେ ଘୋଷଣା କରାଯାଇଥିବା ରାଶିର ପରିମାଣ ୫,୦୦୦ କୋଟି ଟଙ୍କା ଥିଲା। ଏହାର ନିଧାର୍ଯ୍ୟ କୁପନ ହାର ୯.୪୦ ପ୍ରତିଶତ ଥିଲା। ନିବେଶକାରୀ ମାନେ ସର୍ବାଧିକ ୯.୩୬ ପ୍ରତିଶତ ସୁଧହାର ଉଲ୍ଲେଖ କରିଥିଲେ ଏବଂ ଏହି ଦର ଓ ଏହାଠାରୁ କମ୍ ଉଲ୍ଲେଖ କରିଥିବା ନିବେଶକଙ୍କୁ ପ୍ରତିଭୂତି ଆବଣ୍ଟନ କରାଯାଇଥିଲା।

**୧୫. ଅଣ ପ୍ରତିଯୋଗୀ ନିବେଶକ କେଉଁ ହାରରେ ଆବଣ୍ଟନ ପାଆନ୍ତି ?**

ଅଣ-ପ୍ରତିଯୋଗୀ ନିବେଶକ ମାନେ ନିଲାମ ପ୍ରକ୍ରୟାରୁ ଉଦ୍ଭୁତ ସର୍ବାଧିକ କୁପନ ହାରରେ ଆବଣ୍ଟନ ପାଆନ୍ତି।(ଦୟାକରି ପ୍ରଶ୍ନ ନମ୍ବର ୧୪ ଓ ୧୬ର ଉତ୍ତର ଦେଖନ୍ତୁ)।

**<u>କିଭଳି ଆବଣ୍ଟନ କରାଯାଏ</u>**

**୧୬. ଅଣ-ପ୍ରତିଯୋଗୀ ନିବେଶକଙ୍କୁ ରିଜର୍ଭ ବ୍ୟାଙ୍କ କିପରି ନିଲାମ ବଣ୍ଟନ କରେ ?**

ରିଜର୍ଭ ବ୍ୟାଙ୍କ ଅଣ-ପ୍ରତିଯୋଗୀ ନିବେଶକଙ୍କ ପାଇଁ ବ୍ୟାଙ୍କ କିମ୍ବା ପ୍ରାଥମିକ ବ୍ୟବସାୟୀଙ୍କୁ ଆବଣ୍ଟନ କରେ ଯାହା ସେମାନେ ଅଣ-ପ୍ରତିଯୋଗୀ ନିବେଶକଙ୍କ ମଧ୍ୟରେ ଆବଣ୍ଟନ କରନ୍ତି ।

**୧୭. ଯଦି ଅଣ-ପ୍ରତିଯୋଗୀ ନିବେଶକଙ୍କ ଦ୍ୱାରା ଉଦ୍ଧୃତ ପରିମାଣ ସଂରକ୍ଷିତ ପରିମାଣ ତୁଳନାରେ ଅଧିକ ହୁଏ ତେବେ ରିଜର୍ଭ ବ୍ୟାଙ୍କ କିଭଳି ଆବଣ୍ଟନ କରେ ?**

ଯଦି ଅଣ-ପ୍ରତିଯୋଗୀ ନିବେଶକଙ୍କ ଦ୍ୱାରା ଉଦ୍ଧୃତ ପରିମାଣ ସଂରକ୍ଷିତ ପରିମାଣ ତୁଳନାରେ ଅଧିକ ହୁଏ, ତେବେ ସମାନୁପାତିକ ଆଧାରରେ ସଂରକ୍ଷିତ ରାଶି ଆବଣ୍ଟନ କରାଯାଏ।

<u>ଉଦାହରଣ</u>

ମନେକରାଯାଉ, ଅଣ ପ୍ରତିଯୋଗୀ ଆବଣ୍ଟନ ପାଇଁ ସଂରକ୍ଷିତ ପରିମାଣ ୧୦ କୋଟି ଟଙ୍କା, ଏବଂ ଅଣ-ପ୍ରତିଯୋଗୀ ନିବେଶକଙ୍କ ଦ୍ୱାରା ଉଦ୍ଧୃତ ମୋଟ ପରିମାଣ ୧୨ କୋଟି, ତେବେ ଆଂଶିକ ଆବଣ୍ଟନର ସମାନୁପାତିକ ହାର ହେଉଛି ୧୦/୧୨= ୮୩.୩୩ ପ୍ରତିଶତ । ନିଲାମୀରେ ପ୍ରକୃତ ଆବଣ୍ଟନ ନିମ୍ନଭାବରେ ହୋଇଥାଏ :

| **ନିବେଶକ** | **ଉଦ୍ଧୃତ ପରିମାଣ** | **ଆବଣ୍ଟନ ପରିମାଣ** |
|---|---|---|
| ବ୍ୟାଙ୍କ ୧ | ୨ କୋଟି | ୧,୬୬,୭୦,୦୦୦/- |
| ବ୍ୟାଙ୍କ ୨ | ୩କୋଟି | ୨,୫୦,୦୦,୦୦୦/- |
| ପିଡି ୧ | ୧ କୋଟି | ୮୩,୩୦,୦୦୦/- |
| ପିଡି ୨ | ୧ କୋଟି | ୮୩,୩୦,୦୦୦/- |
| ବ୍ୟାଙ୍କ ୩ | ୫ କୋଟି | ୪,୧୬,୭୦,୦୦୦/- |

ଉଲ୍ଲେଖଯୋଗ୍ୟ ଯେ, ପ୍ରକୃତ ବଣ୍ଟନ ୧୦,୦୦୦ ଟଙ୍କାର ଗୁଣିତକରେ ହେଉଥିବାରୁ, ସମାନୁପାତିକ ହାରରେ ନିର୍ଣ୍ଣିତ ରାଶି ଓ ପ୍ରକୃତ ଆବଣ୍ଟନ ମଧ୍ୟରେ ବେଳେ ବେଳେ ସାମାନ୍ୟ ଫରକ ଦେଖାଯାଏ ।

**୧୮. ଯଦି ଅଣ-ପ୍ରତିଯୋଗୀ ନିବେଶକଙ୍କ ଦ୍ୱାରା ଉଦ୍ଧୃତ ପରିମାଣ ସଂରକ୍ଷିତ ପରିମାଣ ତୁଳନାରେ କମ୍ ହୁଏ ତେବେ ରିଜର୍ଭ ବ୍ୟାଙ୍କ କିଭଳି ଆବଣ୍ଟନ କରେ ?**

ଯଦି ଅଣ-ପ୍ରତିଯୋଗୀ ନିବେଶକଙ୍କ ଦ୍ୱାରା ଉଦ୍ଧୃତ ପରିମାଣ ସଂରକ୍ଷିତ ପରିମାଣ ତୁଳନାରେ କମ୍ ହୁଏ, ତେବେ ରିଜର୍ଭ ବ୍ୟାଙ୍କ ସମସ୍ତ ଆବେଦନକାରୀଙ୍କୁ ପୂର୍ଣ୍ଣ ଆବଣ୍ଟନ ଦେଇଥାଏ ଓ ବଳକା ରାଶି ପ୍ରତିଯୋଗୀ ନିବେଶକଙ୍କ ନିଲାମ ଅନ୍ତର୍ଭୁକ୍ତ କରିଦିଆଯାଏ।

**୧୯. ବ୍ୟାଙ୍କ ଅବା ପିଡି କିଭଳି ଆଂଶିକ ବଣ୍ଟନ କରନ୍ତି ?**

ସ୍ୱଚ୍ଛ ଉପାୟରେ ନିଜର ଗ୍ରାହକଙ୍କୁ ସମାନୁପାତିକ ହାରରେ ପ୍ରତିଭୂତି ଆବଣ୍ଟନ କରିବା ହେଉଛି ବ୍ୟାଙ୍କ ଅବା ପ୍ରାଥମିକ ଡିଲରଙ୍କ ଦାୟିତ୍ୱ।

**<u>ପ୍ରତିଭୂତି ଦେୟ ଓ କାରବାର କିଭଳି ସମ୍ପନ୍ନ କରାଯାଏ ?</u>**

**୨୦. ୧୦,୦୦୦ ଟଙ୍କା ଅଙ୍କିତ ମୂଲ୍ୟର ପ୍ରତିଭୂତିର ପାଇଁ ନିବେଶକ କେତେ ଟଙ୍କା ଦେଇଥାଏ ?**

ପ୍ରଶ୍ନ ୧୪ର ଉଦାହରଣ ଅନୁସାରେ, ମୂଲ୍ୟ ଭିତ୍ତିକ ନିଲାମୀରେ ସ୍ଥିରିକୃତ ଦର ୯.୪୦ ପ୍ରତିଶତ ଥିବାବେଳେ ହାରାହାରି ଦର ୯.୩୬ ପ୍ରତିଶତ ରହିଛି। ଉକ୍ତ ହାରାହାରି ଦର ୯.୩୬ ପ୍ରତିଶତରେ ୧୦୦ଟଙ୍କା ପ୍ରତିଭୂତିର ମୂଲ୍ୟ ଟ. ୧୦୦.୨୬। ତେଣୁ ଏହି ଅନୁସାରେ, ନିବେଶକଙ୍କୁ ୧୦୦.୨୬ ଟଙ୍କା ଦରରେ ପ୍ରତିଭୂତି ମିଳିବ, ଅର୍ଥାତ୍, ପ୍ରତି ୧୦୦ ଟଙ୍କା (ଅଙ୍କିତ ମୂଲ୍ୟ) ପାଇଁ ନିବେଶକଙ୍କୁ ୧୦୦.୨୬ ଟଙ୍କା ଦେବାକୁ ପଡିବ। ତେଣୁ ୧୦,୦୦୦ ଟଙ୍କା ପ୍ରତିଭୂତିର ମୂଲ୍ୟ ପାଇଁ

ସେ (ଦରxଅଙ୍କିତ ମୂଲ୍ୟ/୧୦୦) ଟ୧୦୦.୨୬x୧୦.୦୦୦/୧୦୦ =୧୦.୨୬୦/- ଟଙ୍କା ଦେବେ।

**୨୧. ପ୍ରତିଭୂତି ଜାରି କରାଯିବା ତାରିଖ ପରେ ଯଦି ପ୍ରତିଭୂତି ପାଇଁ ଅର୍ଥ ବ୍ୟାଙ୍କ/ପିଡିକୁ ଦିଆଯାଏ, ତେବେ କଣ ହେବ ?**

ବ୍ୟାଙ୍କ/ପିଡି ପ୍ରତିଭୂତି ଜାରି କରାଯାଇଥିବା ତାରିଖ ଦିନ ଅର୍ଥ ପୈଠ କରିବେ। ଯଦି ପ୍ରତିଭୂତି ଜାରି ହେବାର ତାରିଖ ପରେ ଗ୍ରାହକ ଅର୍ଥ ପୈଠ କରନ୍ତି, ତେବେ ସେ ନିର୍ଦ୍ଧାରିତ ପରିମାଣ ଉପରେ ସୁଧ ସହ ବ୍ୟାଙ୍କ ଅବା ପିଡିକୁ ପ୍ରଦାନ କରିବେ। ଉଦାହରଣ ସ୍ୱରୂପ ୯.୪୦% ଜିଓଆଇ ୨୦୧୫ ପ୍ରତିଭୂତି ପାଇଁ ଯଦି ଗ୍ରାହକ ପ୍ରତିଭୂତି ଜାରି ହେବାର ତିନି ଦିନ ମଧ୍ୟରେ ଅର୍ଥ ପୈଠ କରନ୍ତି, ତେବେ ନିର୍ଣ୍ଣିତ ସୁଧ ପରିମାଣ = ୯.୪୦/୧୦୦x୩/୩୬୦x୧୦,୦୦୦=ଟ୭.୮୩ ପଇସା ପ୍ରଦାନ କରିବେ। ତେଣୁ ଟ. ୧୦୦.୨୬ ପ୍ରତିଭୂତି ଦରରେ ୧୦,୦୦୦ ଟଙ୍କାର ପ୍ରତିଭୂତିକୁ ପ୍ରାପ୍ତ କରିବାକୁ ହେଲେ ନିବେଶକଙ୍କୁ ଟ ୧୦,୨୬୦ + ୭.୮୩ = ୧୦,୨୬୭.୮୩ ଦେବାକୁ ପଡିବ।

**୨୨. ଏହି ପରିପ୍ରେକ୍ଷୀରେ, ଦର ଭିତ୍ତିକ ନିଲାମୀ ରେ କଣ କରାଯିବ ?**

ଅଣ ପ୍ରତିଯୋଗୀ ନିବେଶକ ନିଲାମ ପ୍ରକ୍ରିୟାରୁ ଉଦ୍ଭୁତ ହାରାହାରି ଦରରେ ମୂଲ୍ୟ ପୈଠ କରିବେ।

ଉଦାହରଣ ସ୍ୱରୂପ ୨୦୦୧, ଡିସେମ୍ବର ୫ ତାରିଖରେ ଆରବିଆଇ ୨୦୧୬ ଏପ୍ରିଲ୍ ୧୯ରେ ପରିପକ୍ୱ ହେଉଥିବା ପ୍ରଚଳିତ ପ୍ରତିଭୂତି ୧୦.୭୪% ଜିଓଆଇ ୨୦୧୬ ପାଇଁ ଏକ ଦର ଭିତ୍ତିକ ନିଲାମ ଅନୁଷ୍ଠିତ କରିଥିଲେ। ନିଲାମ ପ୍ରକ୍ରିୟାରେ ନିର୍ଣ୍ଣିତ ଦର ଟ. ୧୨୧.୯୨ ଟଙ୍କା ଏବଂ ହାରାହାରି ଦର ୧୨୧.୯୯ ଟଙ୍କା ହେଲା। ତେଣୁ ଅଣ ପ୍ରତିଯୋଗୀ ନିବେଶକମାନେ ୧୨୧.୯୯ ଟଙ୍କା ଦରରେ ଅର୍ଥ ପୈଠ କରିବେ। ଏଥିସହ, ବିଳମ୍ବିତ ଅର୍ଥ ପୈଠ ପାଇଁ ସେମାନଙ୍କୁ ନିମ୍ନ ହିସାବ ଅନୁସାରେ ସୁଧସହ ଅର୍ଥ ପୈଠ କରିବାକୁ ହେବ।

**୨୩. ତେବେ ଅଣ ପ୍ରତିଯୋଗୀ ନିଲାମ ଡକାଳିଙ୍କୁ ୧୦,୦୦୦ ଟଙ୍କା ବା ତଦୁଦ୍ଧର୍ବ ପ୍ରତିଭୂତି କିଣିବାକୁ କେତେ ଦେବାକୁ ପଡିବ ?**

ପ୍ରତି ୧୦୦ ଟଙ୍କା (ଅଙ୍କିତ ମୂଲ୍ୟ) ପାଇଁ ଟ ୧୨୧.୯୯ ଦେବେ। ତେଣୁ ୧୦,୦୦୦ ଟଙ୍କା ପ୍ରତିଭୂତି ପାଇଁ ସେମାନଙ୍କୁ (ଦରxଅଙ୍କିତ ମୂଲ୍ୟ/୧୦୦) = ୧୨୧.୯୯x୧୦,୦୦୦/୧୦=ଟ୧୨,୧୯୯ ଦେବାକୁ ପଡିବ।

ଦିନାଙ୍କିତ ଜିଓଆଇ ପ୍ରତିଭୂତି ପାଇଁ ସୁଧ ପ୍ରତି ଛଅମାସରେ ପ୍ରଦାନ କରାଯାଏ। ତେଣୁ ଏହି ପ୍ରତିଭୂତି ପାଇଁ ସୁଧ ପ୍ରଦାନର ତାରିଖ ଏପ୍ରିଲ୍ ୧୯ ଓ ଅକ୍ଟୋବର ୧୯। ଯଦି ଏହି ପ୍ରତିଭୂତି ପାଇଁ ୨୦୦୧ ଡିସେମ୍ବର ୬ ତାରିଖରେ ଦେୟ ପୈଠ କରାଯାଏ, ତେବେ ନିଶ୍ଚିତ ସୁଧ କୁପନ ଶେଷ ତାରିଖ ଠାରୁ ଦେୟ ପୈଠ ତାରିଖ, (୨୦୦୧ ଡିସେମ୍ବର ୧୯ ତାରିଖରୁ ୨୦୦୧ ଡିସେମ୍ବର ୬ ତାରିଖ) ଅର୍ଥାତ୍ ୪୭ ଦିନ ପାଇଁ ସୁଧର ପରିମାଣ =୧୦.୭୧/୧୦୦x୪୭/୩୬୦x୧୦୦୦୦=ଟ ୧୩୯.୮୩

ତେଣୁ ନିବେଶକ ପ୍ରତିଭୂତିର ମୂଲ୍ୟ ସହ ଏହି ସୁଧ ଯଥା ୧୨,୧୯୯ ଟଙ୍କା+୧୩୯.୮୩ ଟଙ୍କା = ୧୨,୩୩୮.୮୩/- ଦେବାକୁ ହେବ।

ଯଦି ଏହା ୨୦୦୧ ଡିସେମ୍ବର ୬ ତାରିଖରେ ପୈଠ ନହୋଇ ୨୦୦୧ ଡିସେମ୍ବର ୯ ତାରିଖରେ ହୁଏ ତେବେ ନିଶ୍ଚିତ ସୁଧ ୪୭ ଦିନ

ପରିବର୍ତ୍ତେ ୫୦ ଦିନପାଇଁ ହେବ = ୧୦.୭୧/୧୦୦x୫୦/୩୬୦x୧୦୦,୦୦୦=୧୪୮.୭୫ ଟଙ୍କା । ତେଣୁ ନିବେଶକଙ୍କ ଦ୍ୱାରା ପୈଠ ମୋଟ ପରିମାଣ ହେବ =୧୨,୧୯୯+୧୪୮.୭୫= ୧୨,୩୪୭.୭୫/-

**୨୪. କେତେ ଦିନ ମଧ୍ୟରେ ନିବେଶକ ପ୍ରତିଭୂତି ଗ୍ରହଣ କରିବ ?**

ଗ୍ରାହକଙ୍କୁ ପ୍ରତିଭୂତି ସ୍ଥାନାନ୍ତରଣ ନିଲାମ ତାରିଖର ୫ଟି କାର୍ଯ୍ୟ ଦିବସ ମଧ୍ୟରେ ସଂପୂର୍ଣ୍ଣ ହେବା ଉଚିତ।

**ପ୍ରତିଭୂତି ପ୍ରଦାନ ଏବଂ ଧାରଣ**

**୨୫. ପ୍ରତିଭୂତିକୁ କିଭଳି ଜାରି କରାଯାଇପାରିବ ?**

କେବଳ ଡିମାଟ (ଏସ୍‌ଜିଏଲ) ଆକାରରେ ରିଜର୍ଭ ବ୍ୟାଙ୍କ ପ୍ରତିଭୂତି ଜାରି କରିବ। ରିଜର୍ଭ ବ୍ୟାଙ୍କ ଏହି ପ୍ରତିଭୂତିକୁ ବ୍ୟାଙ୍କ/ପିଡିର ସିଏସ୍‌ଜିଏଲ୍ ଆକାଉଣ୍ଟରେ ଜମା ଦେବ ।

**୨୬. ଏସ୍‌ଜିଏଲ୍ ଆକାଉଣ୍ଟ ଓ ସିଏସ୍‌ଜିଏଲ୍ ଆକାଉଣ୍ଟ କଣ ?**

ଏସ୍‌ଜିଏଲ୍ ଓ ସିଏସ୍‌ଜିଏଲ୍ ଆକାଉଣ୍ଟ ହେଉଛି ରିଜର୍ଭ ବ୍ୟାଙ୍କରେ ଡିମାଟ ଆକାରରେ ଥିବା ସରକାରୀ ପ୍ରତିଭୂତିର ଆକାଉଣ୍ଟ। ଯେଉଁଭଳି ଜଣେ ନିବେଶକ ଜମା ଅଂଶ ଗ୍ରହଣକାରୀ ଭାବେ ଡିମାଟ୍ ଫର୍ମରେ ଅଂଶଧନ ରଖନ୍ତି, ସେହିପରି, ସେ ବ୍ୟାଙ୍କ ଅବା ଜଣେ ପିଡିପାଖରେ ଥିବା ନିଜସ୍ୱ ଆକାଉଣ୍ଟରେ ସରକାରୀ ପ୍ରତିଭୂତିକୁ ରଖିପାରିବେ।ରିଜର୍ଭ ବ୍ୟାଙ୍କରେ ଥିବା ସିଏସ୍‌ଜିଏଲ୍ ଆକାଉଣ୍ଟରେ ଗ୍ରାହକଙ୍କ ତରଫରୁ ବ୍ୟାଙ୍କ ଅବା ପିଡି ପ୍ରତିଭୂତି ରଖିପାରିବେ। ତେବେ ଯଦି ବ୍ୟାଙ୍କ ଅବା ପିଡି ତାର ଗ୍ରାହକ ପାଇଁ ପ୍ରତିଭୂତି କ୍ରୟ କରନ୍ତି ତେବେ ରିଜର୍ଭ ବ୍ୟାଙ୍କରେ ଥିବା ବ୍ୟାଙ୍କ ଅବା ପିଡିର ସିଏସ୍‌ଜିଏଲ୍ ଆକାଉଣ୍ଟରେ ତାହା ଜମା ହୋଇଯିବ।

**୨୭. ଖୁଚୁରା ନିବେଶକ ସବସିଡିୟାରୀ ଜେନେରାଲ୍ ଲେଜର (ଏସ୍‌ଜିଏଲ୍) ବା କନ୍‌ଷ୍ଟିଚୁଏଣ୍ଟସ୍ ସବସିଡିୟାରୀ ଜେନେରାଲ୍ ଲେଜର (ସିଏସ୍‌ଜିଏଲ୍)ଆକାଉଣ୍ଟ ରଖିବା ଆବଶ୍ୟକ କି ?**

ନା, ଖୁଚୁରା ନିବେଶକ ପ୍ରତିଭୂତି ପାଇଁ ନିବେଶ ପ୍ରସ୍ତାବ ଦେଉଥିବା ବ୍ୟାଙ୍କ ଅବା ପିଡି ପାଖରେ କନ୍‌ଷ୍ଟିଚୁଏଣ୍ଟସ୍ ସବସିଡିୟାରୀ ଜେନେରାଲ୍ ଲେଜର (ସିଏସ୍‌ଜିଏଲ୍)ଆକାଉଣ୍ଟ ରଖିବା ବାଧ୍ୟତାମୂଳକ ନୁହେଁ । ତେବେ ନିବେଶକଙ୍କ ପାଇଁ ଏଭଳି ଆକାଉଣ୍ଟ ରଖିବା ସୁବିଧାଜନକ ଅଟେ।

**୨୮. ଖୁଚୁରା ନିବେଶକ ପିଡି ପାଖରେ ଥବା ତାଙ୍କର ଡିମାଟ ଆକାଉଣ୍ଟରେ ପ୍ରତିଭୂତି ଜମା ପାଇପାରିବେ କି ?**

ହଁ, ପିଡି/ବ୍ୟାଙ୍କ ସ୍ପଷ୍ଟ ଭାବେ ପ୍ରତିଭୂତି ଜମାର ପ୍ରଣାଳୀ ତାଙ୍କ ମାଧ୍ୟମରେ ନିବେଶ କରୁଥିବା ଗ୍ରାହକଙ୍କୁ ଦର୍ଶାଇବେ।

**୨୯. ନିବେଶକ ବାସ୍ତବ ପ୍ରତିଭୂତି ମାଗି ପାରିବ କି ?**

ହଁ- କେତେକ କ୍ଷେତ୍ରରେ, ନିବେଶକଙ୍କ ଆବେଦନ ଭିତ୍ତିରେ, ବାସ୍ତବ ପ୍ରତିଭୂତି ପ୍ରଦାନ ପାଇଁ ମଞ୍ଜୁରୀ ମିଳିଥାଏ ।

**୩୦. ପ୍ରଦାନ ବ୍ୟବସ୍ଥା କଣ ?**

ରିଜର୍ଭ ବ୍ୟାଙ୍କ ଅଣ ପ୍ରତିଯୋଗୀ ନିବେଶକଙ୍କ ଦେୟ ପ୍ରାଥମିକ ଡିଲର ଓ ବ୍ୟାଙ୍କମାନଙ୍କ ଠାରୁ ଅଣ ପ୍ରତିଯୋଗୀ

ନିବେଶକଙ୍କ ସମ୍ପର୍କିତ ଦେୟ ପ୍ରତିଭୂତି ଜାରୀ କରାଯାଉଥିବା ଦିନ ପାଇଲା ପରେ ପ୍ରତିଭୂତି ପ୍ରଦାନ କରନ୍ତି। ଅଣ ପ୍ରତିଯୋଗୀ ନିବେଶକମାନେ ପ୍ରାଥମିକ ଡିଲର ଓ ବ୍ୟାଙ୍କମାନଙ୍କୁ ସେମାନଙ୍କର ଦେୟ ପ୍ରଦାନ କରି ସେମାନଙ୍କ ଠାରୁ ପ୍ରତିଭୂତି ଗ୍ରହଣ କରନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ ଜାରି ତାରିଖରେ ବ୍ୟାଙ୍କ ଅବା ପିଡିମାନଙ୍କ ଠାରୁ ଅର୍ଥ ଗ୍ରହଣ କରିବା ପରେ ରିଜର୍ଭ ବ୍ୟାଙ୍କ ସେମାନଙ୍କୁ ପ୍ରତିଭୂତି ଜାରି କରିବେ। ତେବେ ବ୍ୟାଙ୍କ ଅବା/ପିଡି ତାଙ୍କର ଗ୍ରାହକ ଠାରୁ ଅର୍ଥ ଗ୍ରହଣ କରିଛନ୍ତି କି ନାହିଁ ତାହା ରିଜର୍ଭ ବ୍ୟାଙ୍କ ଅବଗତ ହେବା ଆବଶ୍ୟକ ନୁହେଁ ।

**୩୧. ବ୍ୟାଙ୍କ ଅବା ପିଡି ଏହି ସେବା ପାଇଁ ଅର୍ଥ ନିଅନ୍ତି କି ?**

ବ୍ୟାଙ୍କ ଅବା ପିଡି ଏହି ସେବା ତାଙ୍କର ଗ୍ରାହକଙ୍କୁ ଦେବା ପାଇଁ ପ୍ରତି ୧୦୦ ଟଙ୍କା ପିଛା ୬ ପଇସା ପର୍ଯ୍ୟନ୍ତ ଆଦାୟ କରିପାରିବେ।

**୩୨. କିଭଳି ଦେୟ ଆଦାୟ କରାଯିବ ?**

ବ୍ୟାଙ୍କ ଅବା ପିଡି ପ୍ରତିଭୂତିର ବିକ୍ରିଦାମ ସହ କମିଶନ ମିଶାଇ ନେଇପାରିବେ ଅବା ଅଲଗା ଭାବେ ଗ୍ରାହକ ଠାରୁ ସେମାନେ ଏହା ନେଇପାରିବେ।

**୩୩. ଅଣ ପ୍ରତିଯୋଗୀ ନିବେଶକ କିଭଳି ପୈଠର ନିୟମାବଳୀ ଜାଣନ୍ତି ?**

ଗ୍ରାହକଙ୍କ ଠାରୁ ପ୍ରତିଭୂତିର ମୂଲ୍ୟ, ଦେୟଯୋଗ୍ୟ ସୁଧ ଓ କମିଶନ ବ୍ୟାଙ୍କ ଅବା ପିଡି କାର୍ଯ୍ୟ ସମ୍ପନ୍ନ ପରେ ହିସାବ କରିଥାନ୍ତି ଏବଂ ଏହା ସ୍ୱଷ୍ଟ ଭାବେ ଗ୍ରାହକଙ୍କ ସହ ହୋଇଥିବା ଚୁକ୍ତିରେ ଉଲ୍ଲେଖ କରାଯାଏ ।

**୩୪. ଏଥିପାଇଁ କିଛି ଅଦୃଷ୍ଟ ଖର୍ଚ୍ଚ ଥାଏ କି ?**

ନା, ବ୍ୟାଙ୍କ ଅବା ପିଡି ଅନ୍ୟ କୌଣସି ଖର୍ଚ୍ଚ ନେବାକୁ ଅନୁମତି ପାଇନାହାଁନ୍ତି। ବ୍ୟାଙ୍କ ଅବା ପିଡି କେବଳ ପ୍ରତିଭୂତିର ମୂଲ୍ୟ, ଦେୟଯୋଗ୍ୟ ସୁଧ ଓ କମିଶନ ବ୍ୟତୀତ ଅନ୍ୟ କୌଣସି ଖର୍ଚ୍ଚ ଗ୍ରାହକଙ୍କ ଠାରୁ ଆଦାୟ କରି ପାରିବେ ନାହିଁ।

**<u>ଏହି ଯୋଜନା ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ ଓ ବିଶ୍ଳେଷଣ କରାଯାଏ କି ?</u>**

**୩୫. ଏହି ଯୋଜନା ଆରବିଆଇ ଦ୍ୱାରା ପରିଚାଳିତ ଓ ପରିବର୍ତ୍ତିତ ହୋଇ ପାରିବ କି ?**

ପ୍ରାଥମିକ ବ୍ୟବସାୟୀ ଓ ବ୍ୟାଙ୍କ ଏହି ଯୋଜନା ସଂପର୍କିତ ସବିଶେଷ ବିବରଣୀ ଆବଶ୍ୟକ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଦେବେ। ରିଜର୍ଭ ବ୍ୟାଙ୍କ ମଧ୍ୟ ନିୟମାବଳୀର ପରିବର୍ତ୍ତନ କରିପାରିବ। ଯଦି ଓ ଯେବେ ନିୟମାବଳୀର ପରିବର୍ତ୍ତନ କରାଯାଏ, ରିଜର୍ଭ ବ୍ୟାଙ୍କ ପରିବର୍ତ୍ତିତ ନିୟମାବଳୀ ସମ୍ପର୍କରେ ଅଧିସୂଚନା ଦେଇଥାଏ।

ଡିସେମ୍ବର ୧୫, ୨୦୦୧